# ତହସିଲଦାରଙ୍କ କାର୍ଯ୍ୟାଳୟ, ବିଶ୍ରା

## ଲଘୁ ଖଣିଜ ଲିଜ୍ ନିମନ୍ତେ

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ସୁନ୍ଦରଗଡ ଜିଲ୍ଲା ବିଶ୍ରା ତହସିଲରେ ଥିବା, ନିମ୍ନ ଲିଖିତ ଛଅ ଗୋଟି ସଇରାତ ଉତ୍ସଗୁଡିକ 2021-2022 ଠାରୁ ଦୀର୍ଘମିୟାଦୀ ଲିଜ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି । ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ,ଖାତା ନଂ ପ୍ଲଟନଂ, କିସମ, ରକବା ଓ ଦରଖାସ୍ତ ଗ୍ରହଣର ସମୟସୀମା ଇତ୍ୟାଦିର ସୂଚନା ସୁନ୍ଦରଗଡ ଜିଲ୍ଲା ୱାବସାଇଟ ( www. Sundargarh.nic.in ) ଅଧିନରେ ଉପଲବ୍ଧ ହେବା ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

10/12/2021

ତହସିଲଦାର, ବିଶ୍ରା

# ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ ସଂଲଗ୍ନ କରାଗଲା ।

| କ୍ର ନଂ | କ୍ଲଷ୍ଟରର ନାମ | ସୈରାତ ଉତ୍ସର ନାମ | ସୈରାତ ଉତ୍ସର ବିସ୍ତାରିତ ବିବରଣୀ | | | | | | | | |
|---|---|---|---|---|---|---|---|---|---|---|---|
| | | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ଏରିଆ (ଏକର ) | ଏକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ( Minimum Guaranted Quantity ) | ସରକାରୀ ରୟାଲଟି | ସରକାରୀ ଅତିରିକ୍ତ ଦେୟ | ଅମାନତ ରାଶି |
| 1 | | ବିରକେରା ପଥର ଖାଦାନ | ବିରକେରା | 79 | 672/ସ୍ଥ | ପତିତ | 4.00 | **50,200 Cum** | **130/-** | **70/-** | 5,02,000/- |
| 2 | | ଡୁମେର୍ଖା-2 ପଥର ଖାଦାନ | ଡୁମେର୍ଖା | 114 | 366/ସ୍ଥ<br>374/ସ୍ଥ<br>314/ସ୍ଥ | ପତିତ<br>ତୁଙ୍ଗୁରୀ<br>ପତିତ | Ac 3.50<br>Ac 1.50<br>Ac 1.10 | **3040 Cum** | **130/-** | **70/-** | **30,400/-** |
| 3 | | କୁଣ୍ଡାପୋଷ ବାଲିଘାଟ | କୁଣ୍ଡାପୋଷ ଏର୍ଲା | 34<br>54 | 1/386/p<br>1/632/p | ନଦି<br>ନଦି | Ac 7.35<br>Ac 5.00 | **3000 Cum** | 35/- | 35/- | 10,500/- |
| 4 | | ଜମସରା-2 ବାଲିଘାଟ | ଜମସରା | 38 | 59/331/p | ନଦି | Ac 12.35 | **2000 Cum** | 35/- | 25/- | 5,500/- |
| 5 | | ଖଟଙ୍ଗକୁଦର | ଖଟଙ୍ଗକୁଦର<br>ଭତୁଷ୍ଟ | 21<br>139 | 134/p<br>1/1668/p | ନଦି<br>ନଦି | Ac 6.00<br>Ac 6.35 | **3000 Cum** | 35/- | 35/- | 10,500/- |
| 6 | | ଡୁମେର୍ଖା-1 ପଥର ଖାଦାନ | ଡୁମେର୍ଖା | **114** | **366/p**<br>**374/p** | ପତିତ<br>ପତିତ | **1.50**<br>**4.50** | **1080 Cum** | **130/-** | **70/-** | **10,800/-** |

10/12/2021
ତହସିଲଦାର, ବିଶ୍ରା

# ତହସିଲ କାର୍ଯ୍ୟାଳୟ,ବିଶ୍ରା

ବିଜ୍ଞପ୍ତି ସଂଖ୍ୟା...2285.../ତାରିଖ...10.12.2021

ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗଅଧିନସ୍ଥ ବିଶ୍ରା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ ଗୁଡିକରଆସନ୍ତା 5(ପାଂଚ ) ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନସାରଣୀ ମୁତାବକ ତହସିଲଦାର,ବିଶ୍ରାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକବ୍ୟକ୍ତି ବିଶେଷ **OMMC (Amendment )Rule-2016** ର **Form- M** ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି ମୁଦଦିଆ ଲଫାଫା ( **Sealed Cover** ) ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା **29/12/2021** ପୂର୍ବାହ୍ନ 11 ଘଟିକାରୁଅପରାହ୍ନ 5.00 ଟା ସୁଦ୍ଧା ତହସିଲ ଅଫିସରେ ଥିବା **Drop Box** ରେ ପକାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । **Drop Box** ତା **30/12/2021** ରିଖ ପୂର୍ବାହ୍ନ 11 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଲିଜ୍ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ ପ୍ରଥମ ତାରିଖରେ ଲିଜ୍ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ ତା **05/01/2022** ରିଖ ଓ ତୃତୀୟ ଥରପାଇଁ **07/01/2022** ରିଖରେ ଉପରୋକ୍ତ ସ୍ଥାନ ଓ ସମୟରେ ଲିଜ୍ ଦରଖାସ୍ତ ଗ୍ରହଣ କରାଯାଇ ଚୂଡାନ୍ତ କରାଯିବ । ଲିଜ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ ଦିବସରେ ଦେଖି ପାରିବେ ।

## <u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ</u>

(1) ଦରଖାସ୍ତ ଫି ସକାଶେ ଟ . 1000.00 ( ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ( 0853 **-Non Ferrous Mining & Metallurgical instituation – 102 – Mineral concession** )

(2) ଆବେଦନ କରିଥିବା ଲିଜ୍ ଜମିର ସମ୍ପୁର୍ଣ ବିବରଣୀ ଓ ନକ୍ସା ।

(3) କୌଣସି ମାଇନିଙ୍ଗ ଭରଣା ନ ଥିବା ନେଇ ଏକ ସତ୍ୟପାଠ ।

(4) ଆବେଦନ କାରୀ ଏକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୁତ ପରିମାଣ ( **Minimum Guaranteed Quantity** ) ର ଲଘୁଖଣି ଜାତ ଦ୍ରବ୍ୟ ପାଇଁ ଦେବାକୁ ଥିବା ରୟାଲଟି **(Royalty )** ଓ ସଂପୃକ୍ତ ଆବେଦନକାରୀଙ୍କ ଦ୍ୱାରା ଆବେଦିତ ଅତିରିକ୍ତ ଦେୟ ( **Additional Charge** ) ପରିମାଣର ଏକ **Solvency Certificate** କିମ୍ବା 18 ମାସ ନିମନ୍ତେ ସଂପୃକ୍ତ ରାଶିର ଏକ **Bank Guarantee** ଦାଖଲ କରିବେ । ଏହା ସହିତ ଆବେଦନକାରୀ ରାଜସ୍ୱ ଅଧୀକାରୀଙ୍କ ଠାରୁ ଅନ୍ୟାନ୍ୟ ସ୍ଥାନର ସଂପତ୍ତି ର ଏକ ବିବରଣୀ ଦାଖଲ କରିବେ ।

(5) ଆବେଦନକାରୀ ରୟାଲିଟି(Royalty) ଓ ଅତିରିକ୍ତ ଦେୟ ( **Additional Charge** ) ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରୀକୃତ ହୋଇ ଥିବା ଲଘୁଖଣିଜ ( ବାଲି/ପଥର)ର ପରିମାଣ ଉପରେ ଦେୟ ଅମାନତ ରାଶି ( **EMD** ) ଓ ଅନ୍ୟାନ୍ୟ ଦେୟ **Demand Draft** ଆକାରରେ ପଇଠ କରିବେ ।

# ସର୍ତ୍ତାବଳୀ

(1) ଅନ୍ୟ ବିବରଣୀ ଯଥା – ବୈଷୟ ଜ୍ଞାନ, ଦକ୍ଷତା, ଆର୍ଥୀକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ର ବିବରଣୀ ଦାଖଲ କରିବେ ।

(2) ପାନ କାର୍ଡ ( Pan card ) ର ଜେରକ୍ସ କପି ।

(3) ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 ର ପରିସର ଭୂକ୍ତ ରହିବେ ।

(4) ଲିଜରେ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା,ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

(5) ଏହି ସମ୍ପର୍କରେ ଲିଜ୍ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ,କିମ୍ବା କର୍ତ୍ତୃପକ୍ଷ ଦାୟୀରହିବେ ନାହିଁ ।

(6) ବାଲି ଓ ପଥର ନିମନ୍ତେ ବର୍ତ୍ତମାନ ପାଇଁ ସର୍ବନିମ୍ନ ରୟାଲ୍ଟି ମୂଲ୍ୟ ( **Per Cubic Meter** )ଯଥାକ୍ରମେ ଟ.35/- ଓ 130/- ଅଟେ ।

(7) ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

(8) ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ ( Additional Charge ) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବେ,ତେବେ ଲଟେରୀ ମାଧମରେ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ।

(9) ଲିଜର ସମସ୍ତ ସର୍ତ୍ତାବଳି ପୂରଣ କରୁଥିବା ଏବଂ ପ୍ରତି ଘନ ମିଟର ପାଇଁ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବା ନିମନ୍ତେ ଓ ନିଜର ସ୍ୱୀକୃତ ପ୍ରଦାନ କରିବା ସହିତ ତାଙ୍କ ଡାକ ଅନୁଯାୟୀ ରୟାଲିଟି,ଅତିରିକ୍ତ ଦେୟ,ସର୍ଫେସ ରେଣ୍ଟ,ଡେଡ୍ ରେଣ୍ଟ,ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ଅର୍ଥ ଦାଖଲ ଦେବା ନିମନ୍ତେ ନିୟମାନୁଯାୟୀ ଅବଗତ କରାଯିବ । ଏତଦ୍ ବ୍ୟତୀତ ଆବଶ୍ୟକୀୟ ଅମାନତ ରାଶି ( **Security Deposite** ) ମଧ ଦାଖଲ କରିବେ ଯାହା କି ବିନା ସୁଧରେ ଗଚ୍ଛିତ ରହିବ । ସର୍ବୋଚ୍ଚ ନିଲାମଧାରୀ ରୟାଲିଟି ସହିତ ଅତିରିକ୍ତ ଦେୟ ଯଥା ସର୍ଫେସ ରେଣ୍ଟ,ଡେଡ୍ ରେଣ୍ଟ,ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ଓ ପରିବେଶ ପରିଚାଳନା ଅର୍ଥ ଏବଂ ଆୟକର ( 2%) ଯଥା ସମୟରେ ନିୟମାନୁସାରେ ପଇଠ କରିବେ ।

(10) ସରକାରୀ ରୟାଲ୍ଟି ଧାର୍ଯ୍ୟ ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ ।

(11) ଆବେଦନ କାରୀ ଧାର୍ଯ୍ୟ ହୋଇଥୀବା ବଇନା ରାଶି ( **Earnest money** )ନିୟମ 27(4)(iii) ଅନୁସାରେ ଜମାକରିଥିବାରୁ ନିଦର୍ଶନ ସ୍ୱରୂପ ରସିଦ ଦାଖଲ କରିବେ ।

(12) ଲିଜର ସମସ୍ତ ସର୍ତାବଳୀ ପାଳନ କରୁଥୀବା ଏବଂ ସର୍ବାଧିକ ଅତିରିକ୍ତ ଦେୟ ମୁଲ୍ୟାଙ୍କ ( Quoted ) କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

(13) ଲିଜଧାରୀ ସମ୍ପୃକ୍ତ ଅଧୀକାରୀଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅମାନତ ରାଶି **Bidding** ପ୍ରକିୟା ସମ୍ପୂର୍ଣ ହେବାର ( ସାତ ) ଦିନ ମଧରେ ଡିମାଣ୍ଡ ଡ୍ରାଫ୍ଟ/ନଗଦ ଆକାରରେ ଜମା କରିବେ ।

(14) ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଂପ୍ଲାନ ଓ ପରିବେଶ ମଂଜୁରୀ ନିର୍ଦ୍ଦିଷ୍ଟ ସମୟ ମଧରେ ହାସଲ କରି ଦାଖଲ କରିବେ ।

(15) କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ସଇରାତ ଉତ୍ସ ପାଇଁ ମିଳିତଭାବେ ଲିଜଧାରୀମାନେ ପରିବେଶ ମଂଜୁରୀ ହାସଲ କରି ଦାଖଲ କରିବେ ।

(16) ପ୍ରାଧିକୃତ ଅଧୀକାରୀଙ୍କ ( Authorized Officer ) ଦ୍ବାରା ଅନୁମୋଦିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ବାରା ଦର୍ଶାଯାଇଥିବା ରୟାଲ୍ଟିର ମୁଲ୍ୟାଙ୍କ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ , ସେହି ରାଶିକୁ Enviroment Clearance ଆଣିସାରିବା ପରେ ଦୈଠ କରିବେ । ସମ୍ପୂର୍ଣ ରାଶି ଦୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରିସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତିପତ୍ର ( **Execution of Lease Deed** ) ସମ୍ପାଦନ କରିବେ ।

(17) ଜମା ରୟାଲ୍ଟିର 2 ପ୍ରତିଶତ ଲିଜଧାରୀ ଆୟକର ( T.C.S ) ବାବଦକୁ ଜମାକରିବେ । ସର୍ବୋଚ୍ଚ ନିଲାମଧାରୀ ରୟାଲଟି ସହିତ ଅତିରିକ୍ତ ଦେୟ ଏବଂ ସରଫେସ୍ **Rent,Dead Rent** ଓ ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ଖର୍ଚ ଯଥା ସମୟରେ ନିୟମାନୁସାରେ ପଇଠ କରିବେ । ନିଲାମଧାରୀକାରୀମାନେ ତଥା ଲିଜ୍ ଗ୍ରହିତା ଓଡିଶା ଲଘୁଖଣିଜ ରିହାତି ନିୟମ -2016 ଓ ତତ୍ ସମ୍ବନ୍ଧିୟ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ଅଟନ୍ତି ।

(18) ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ବାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରୀକରି ସେଥିରେ ସୈରାତ ଉପର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଓ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

(19) ଉପରୋକ୍ତ ସମସ୍ତ ସର୍ତାବଳୀ ପୂରଣ ହେଲାପରେ କାର୍ଯ୍ୟଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

(20) ଲିଜ ସମ୍ବନ୍ଧୀୟ ସର୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ ଏବଂ ଇସ୍ତାହାରର ସମ୍ପୁର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ **http/:www.sundergarh.nic.in** ରେ ମଧ ଦେଖୀ ପାରିବେ ।

(21) ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ,ତେବେ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଅଧିକାର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ ବାତିଲ ବା ସ୍ଥଗିତ କରିପାରିବେ ।

ଜ୍ଞାପକ ସଂଖ୍ୟା...2286.../ତା 10.12.2021

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ ସୁନ୍ଦରଗଡ/ରାଉରକେଲା/ଉପଜିଲ୍ଲାପାଳ,ପାନପୋଷ/ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବିଶ୍ରା/ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସଂପୃକ୍ତ ଗ୍ରା:ପ:ର ସରପଂଚ /ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଝୁଲାଇବା ନିମନ୍ତେ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ବିଶ୍ରା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଝୁଲାଗଲା ।

ତହସିଲଦାର, ବିଶ୍ରା

ଜ୍ଞାପକ ସଂଖ୍ୟା...2287.../ତା 10.12.2021

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (NIC ), ସୁନ୍ଦରଗଡଙ୍କ ନିକଟକୁ ଜିଲ୍ଲା ୱେବସାଇଟ ( District Website ) ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ Upload କରିବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଏବଂ ଜନ ସମ୍ପର୍କ ଅଧିକାରୀ ରାଉରକେଲାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବିଶ୍ରା